# ଧର୍ଷଣ ସମେତ ଅନ୍ୟାନ୍ୟ ଯୌନ ଅପରାଧ ପାଇଁ ଭାରତରେ ଦଣ୍ଡ ବ୍ୟବସ୍ଥା

## ଭାରତୀୟ ଦଣ୍ଡ ସଂହିତା, ୧୮୬୦(୧୮୬୦ର ଆଇନ୍‌ର କ୍ରମସଂଖ୍ୟା ୪୫)ରୁ ପ୍ରାସଙ୍ଗିକ ଉଦ୍ଧୃତାଂଶ

**୨୯୪. ଅଶ୍ଳୀଳ କାର୍ଯ୍ୟ ଏବଂ ଗୀତ-**

ଯଦି କୌଣସି ବ୍ୟକ୍ତି ଅନ୍ୟଜଣଙ୍କୁ ବିରକ୍ତିକର ଲାଗିଲା ଭଳି-

(ଏ) କୌଣସି ଏକ ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ କାର୍ଯ୍ୟ କରନ୍ତି, କିମ୍ବା

(ବି) କୌଣସି ଏକ ସର୍ବସାଧାରଣ ସ୍ଥାନରେ ବା ସ୍ଥାନ ନିକଟରେ କୌଣସି ଅଶ୍ଳୀଳ ଗୀତ, ଲୋକଗୀତ ବା ଶବ୍ଦାବଳୀ ବୋଲନ୍ତି, ଆବୃତ୍ତି କରନ୍ତି ଅଥବା ଉଚ୍ଚାରଣ କରନ୍ତି,

ତେବେ ସେହି ବ୍ୟକ୍ତି ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ତିନିମାସ ପର୍ଯ୍ୟନ୍ତ ଲମ୍ବିପାରେ ଅଥବା ଜୋରିମାନାରେ ଦଣ୍ଡିତ ହେବେ ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ପରଓ୍ୱାନା-ସାପେକ୍ଷ, ଜାମିନ୍-ଯୋଗ୍ୟ, ରଫା-ରହିତ ଏବଂ ଯେ କୌଣସି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ତଥା ସରାସରି ଭାବେ ବିଚାରଣୀୟ ଅଟେ ।

**୩୫୪. ଜଣେ ମହିଳାଙ୍କର ମର୍ଯ୍ୟାଦା ଉଲ୍ଲଂଘନ ଅଭିପ୍ରାୟରେ ତାଙ୍କ ଉପରେ ବଳାତ୍କାର ବା ଫୌଜ୍‌ଦାରି ବଳପ୍ରୟୋଗ କରିବା-**

ଯଦି କେହି ବ୍ୟକ୍ତି କୌଣସି ମହିଳାଙ୍କର ମର୍ଯ୍ୟାଦା ଉଲ୍ଲଂଘନ କରିବାର ଅଭିସନ୍ଧି ରଖି ଅଥବା ତାଙ୍କର କାର୍ଯ୍ୟଦ୍ୱାରା ସେହି ମହିଳାଙ୍କର ମର୍ଯ୍ୟାଦା ଉଲ୍ଲଂଘନ ହେବ ବୋଲି ଜାଣିଶୁଣି ତାଙ୍କ ଉପରେ ବଳାତ୍କାର କରନ୍ତି ଅଥବା ଫୌଜ୍‌ଦାରି ବଳପ୍ରୟୋଗ କରନ୍ତି, ତେବେ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦୁଇବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଅଥବା ଜୋରିମାନାରେ ଦଣ୍ଡିତ ହେବେ ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ରଫା-ରହିତ ଏବଂ ଯେ କୌଣସି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**ଓଡିଶା ସଂଶୋଧନ-** ଅପରାଧ ଜାମିନ୍-ଅଯୋଗ୍ୟ ଅଟେ । [ଦ୍ରଷ୍ଟବ୍ୟ- ୧୯୫୫ର ଓଡିଶା ଆଇନ୍ ସଂଖ୍ୟା-୬, ଦଫା-୩, ୧୦.୩.୧୯୯୫ରୁ ବଳବତ୍ତର]

**୩୬୬. ବିବାହ ଇତ୍ୟାଦି କରିବାକୁ ବାଧ୍ୟ କରିବା ସକାଶେ ଜଣେ ମହିଳାଙ୍କୁ ହରଣଚାଳ, ଅପହରଣ ବା ପ୍ରଲୁବ୍ଧ କରିବା-**

ଜଣେ ମହିଳାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ କୌଣସି ବ୍ୟକ୍ତିଙ୍କୁ ବିବାହ କରିବା ପାଇଁ ବାଧ୍ୟ କରିବାର ଅଭିପ୍ରାୟ ରଖି କିମ୍ବା ଏଥିପାଇଁ ତାଙ୍କୁ ବାଧ୍ୟ କରିବା ସମ୍ଭବପର ବୋଲି ଜାଣି ଅଥବା ସେହି ମହିଳାଙ୍କୁ ଅବୈଧ ସମ୍ଭୋଗ କରିବା ପାଇଁ ବାଧ୍ୟ କରାଇବା ବା ପ୍ରଲୁବ୍ଧ କରାଇବା ଉଦ୍ଦେଶ୍ୟରେ କିମ୍ବା ଏଥିପାଇଁ ତାଙ୍କୁ ବାଧ୍ୟ କରାଇବା ବା ପ୍ରଲୁବ୍ଧ କରାଇବା ସମ୍ଭବପର ବୋଲି ଜାଣି ଯଦି କେହି ବ୍ୟକ୍ତି କୌଣସି ମହିଳାଙ୍କୁ ହରଣଚାଳ ବା ଅପହରଣ କରନ୍ତି, ତେବେ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ; ଏବଂ ଜଣେ ମହିଳାଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଅବୈଧ ସମ୍ଭୋଗ କରିବାକୁ ବାଧ୍ୟ ବା ପ୍ରଲୁବ୍ଧ କରାଇବାର ଅଭିସନ୍ଧି ରଖି ଅଥବା ଏଥିପାଇଁ ତାଙ୍କୁ ବାଧ୍ୟ ବା ପ୍ରଲୁବ୍ଧ କରାଇବା ସମ୍ଭବପର ବୋଲି ଜାଣି ଯଦି କୌଣସି ବ୍ୟକ୍ତି ସେହି ମହିଳାଙ୍କୁ ଏହି ସଂହିତାରେ ସଂଜ୍ଞାୟିତ ହୋଇଥିବା ଫୌଜଦାରି ଭୀତି-ସଂଚାର ବା ଅନ୍ୟ କୌଣସି ବଳପ୍ରୟୋଗ-ଭିତ୍ତିକ ପଦ୍ଧତିରେ ଗୋଟିଏ ସ୍ଥାନ ଛାଡି ଅନ୍ୟତ୍ର ଯିବା ପାଇଁ ମତାଇଥାନ୍ତି, ତେବେ ସେ ମଧ୍ୟ ଉପରୋକ୍ତ ମତେ ଦଣ୍ଡିତ ହେବେ ।

**୩୬୬-ଏ. ନାବାଳିକା କନ୍ୟାଙ୍କୁ ଯୋଗାଡ କରିବା-**

ଅଠର ବର୍ଷରୁ କମ୍ ବୟସର ଜଣେ ନାବାଳିକା କନ୍ୟାଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଅବୈଧ ସମ୍ଭୋଗ କରିବା ପାଇଁ ବାଧ୍ୟ ବା ପ୍ରଲୁବ୍ଧ କରିବାର ଅଭିସନ୍ଧି ରଖି କିମ୍ବା ଏଥିପାଇଁ ତାଙ୍କୁ ବାଧ୍ୟ ବା ପ୍ରଲୁବ୍ଧ କରାଇବା ସମ୍ଭବପର ବୋଲି ଜାଣି ଯଦି କେହି ବ୍ୟକ୍ତି ସେହି କନ୍ୟାଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ଚାଲିଯିବାକୁ ବା କୌଣସି କାର୍ଯ୍ୟ କରିବା ପାଇଁ କୌଣସି ନା କୌଣସି ଉପାୟରେ ମତାଇଥାନ୍ତି, ତେବେ ସେ ଏପରି ଏକ କାଳାବଧି ପାଇଁ କାରାବାସରେ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଅଯୋଗ୍ୟ, ରଫା-ରହିତ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**୩୬୬-ବି.** **ବିଦେଶୀ ରାଷ୍ଟ୍ରରୁ କନ୍ୟା ଆମଦାନୀ –**

ଏକୋଇଶ ବର୍ଷରୁ କମ୍ ବୟସର ଜଣେ କନ୍ୟାଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଅବୈଧ ସମ୍ଭୋଗ କରିବା ପାଇଁ ବାଧ୍ୟ ବା ପ୍ରଲୁବ୍ଧ କରିବାର ଅଭିସନ୍ଧି ରଖି କିମ୍ବା ଏଥିପାଇଁ ତାଙ୍କୁ ବାଧ୍ୟ ବା ପ୍ରଲୁବ୍ଧ କରାଇବା ସମ୍ଭବପର ବୋଲି ଜାଣି ଯଦି କେହି ବ୍ୟକ୍ତି ସେଭଳି ଜଣେ କନ୍ୟାଙ୍କୁ ଭାରତ ବାହାରର ଏକ ଦେଶରୁ ଅଥବା ଜାମ୍ମୁ ଓ କାଶ୍ମୀରରୁ ଭାରତକୁ ଆମଦାନୀ କରିଥାନ୍ତି, ତେବେ ସେ ଏପରି ଏକ କାଳାବଧି ପାଇଁ କାରାବାସରେ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଅଯୋଗ୍ୟ, ରଫା-ରହିତ ଏବଂ କେବଳ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**୩୭୨.** **ନାବାଳକଙ୍କୁ ଯୌନ ବ୍ୟବସାୟ ପାଇଁ ବିକ୍ରୀ କରିବା-**

ଅଠର ବର୍ଷରୁ କମ୍ ବୟସର ଜଣେ ବ୍ୟକ୍ତିଙ୍କୁ କୌଣସି ଏକ ବୟସରେ ବି ବେଶ୍ୟାବୃତ୍ତି ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ ଅବୈଧ ସମ୍ଭୋଗ ବା କୌଣସି ବେଆଇନ୍ ଏବଂ ଅନୈତିକ କାରବାର ଉଦ୍ଦେଶ୍ୟରେ ନିୟୋଜିତ ଏବଂ ବ୍ୟବହୃତ କରାଯାଇପାରିବ ବୋଲି ଅଭିସନ୍ଧି ରଖି ଅଥବା ତାଙ୍କୁ ଏପରି କୌଣସି ଉଦ୍ଦେଶ୍ୟରେ ନିୟୋଜନ ବା ବ୍ୟବହାର କରାଯିବା ସମ୍ଭବପର ବୋଲି ଜାଣି ଯଦି କୌଣସି ବ୍ୟକ୍ତି ସେହି ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ବିକ୍ରୀ କରନ୍ତି, ଭଡାରେ ଲଗାନ୍ତି ବା ଅନ୍ୟ ପ୍ରକାରେ ହସ୍ତାନ୍ତରଣ କରନ୍ତି, ତେବେ ସେହି ବ୍ୟକ୍ତି ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ, ଏବଂ ସେ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ସ୍ପଷ୍ଟୀକରଣ-୧ :** ଯେଉଁସ୍ଥଳେ ଅଠର ବର୍ଷରୁ କମ୍ ବୟସର ଜଣେ କନ୍ୟାଙ୍କୁ ଜଣେ ବେଶ୍ୟା ବା ଏଭଳି କୌଣସି ବ୍ୟକ୍ତିଙ୍କୁ ବିକ୍ରୀ କରାଯାଇଥାଏ ବା ଭଡାରେ ଦିଆଯାଇଥାଏ ବା ଅନ୍ୟ ଉପାୟରେ ହସ୍ତାନ୍ତରଣ କରାଯାଇଥାଏ, ଯେ କି ଗୋଟିଏ ବେଶ୍ୟାଗୃହ ଚଳାଉଛନ୍ତି ବା ଏହାର ପରିଚାଳନା କରୁଛନ୍ତି, ସେପରି ସ୍ଥଳେ ତତ୍-ପ୍ରତିକୂଳ ତଥ୍ୟ ସାବ୍ୟସ୍ତ ନହେବା ଯାଏଁ ଏହା ଧରି ନିଆଯିବ ଯେ, ଉକ୍ତ କନ୍ୟାଙ୍କୁ ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ସେହି ବ୍ୟକ୍ତି ହିଁ ହସ୍ତାନ୍ତରଣ କରିଛନ୍ତି ।

**ସ୍ପଷ୍ଟୀକରଣ-୨ :** ଏହି ଦଫାର ପ୍ରୟୋଜନାର୍ଥେ "ଅବୈଧ ସଂଭୋଗ"ର ଅର୍ଥ ହେଉଛି, ଏପରି ବ୍ୟକ୍ତିମାନଙ୍କ ଭିତରେ ଯୌନ ସଂଭୋଗ, ଯେଉଁମାନେ କି ବିବାହ ବଳରେ ଏକାଠି ହୋଇନାହାନ୍ତି ଅଥବା ଏପରି କୌଣସି ମିଳନ ବା ବନ୍ଧନ ବଳରେ ଏକାଠି ହୋଇନାହାନ୍ତି, ଯାହା କି ବିବାହର ମାନ୍ୟତା ପାଇନଥିଲେ ହେଁ ସେମାନେ ଯେଉଁ ସଂପ୍ରଦାୟର ସେହି ସଂପ୍ରଦାୟର ସ୍ୱୀୟ ବିଧି ବା ପରମ୍ପରା, ଅଥବା ସେମାନଙ୍କର ସଂପ୍ରଦାୟ ଭିନ୍ନ ଭିନ୍ନ ହୋଇଥିଲେ ଉଭୟ ସଂପ୍ରଦାୟର ସ୍ୱୀୟ ବିଧି ବା ପରମ୍ପରା ଦ୍ୱାରା ଏକ କଳ୍ପ-ବୈବାହିକ ସଂପର୍କ ରୂପେ ସ୍ୱୀକୃତିପ୍ରାପ୍ତ ହୋଇଥାଏ ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଅଯୋଗ୍ୟ, ରଫା-ରହିତ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ଅଟେ ।

୩୭୩. **ନାବାଳକଙ୍କୁ ଯୌନ ବ୍ୟବସାୟ ପାଇଁ କ୍ରୟ କରିବା-**

ଅଠର ବର୍ଷରୁ କମ୍ ବୟସର ଜଣେ ବ୍ୟକ୍ତିଙ୍କୁ କୌଣସି ଏକ ବୟସରେ ବି ବେଶ୍ୟାବୃତ୍ତି ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ ଅବୈଧ ସମ୍ଭୋଗ ବା କୌଣସି ବେଆଇନ୍ ଏବଂ ଅନୈତିକ କାରବାର ଉଦ୍ଦେଶ୍ୟରେ ନିୟୋଜିତ ଏବଂ ବ୍ୟବହୃତ କରାଯାଇପାରିବ ବୋଲି ଅଭିସନ୍ଧି ରଖି ଅଥବା ତାଙ୍କୁ ଏପରି କୌଣସି ଉଦ୍ଦେଶ୍ୟରେ ନିୟୋଜନ ବା ବ୍ୟବହାର କରାଯିବା ସମ୍ଭବପର ବୋଲି ଜାଣି ଯଦି କୌଣସି ବ୍ୟକ୍ତି ସେହି ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ କ୍ରୟ କରନ୍ତି, ଭଡା ସୂତ୍ରରେ ଗ୍ରହଣ କରନ୍ତି ବା ଅନ୍ୟ କୌଣସି ପ୍ରକାରେ ନିଜ ଆୟତ୍ତକୁ ନିଅନ୍ତି, ତେବେ ସେହି ବ୍ୟକ୍ତି ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ, ଏବଂ ସେ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ସ୍ପଷ୍ଟୀକରଣ-୧ :** ଯେଉଁସ୍ଥଳେ ଅଠର ବର୍ଷରୁ କମ୍ ବୟସର ଜଣେ କନ୍ୟାଙ୍କୁ ଜଣେ ବେଶ୍ୟା ବା ଏଭଳି କୌଣସି ବ୍ୟକ୍ତି କ୍ରୟ କରିଥାନ୍ତି ବା ଭଡାସୂତ୍ରରେ ଗ୍ରହଣ କରିଥାନ୍ତି ବା ଅନ୍ୟ କୌଣସି ଉପାୟରେ ନିଜ ଆୟତ୍ତକୁ ନେଇଥାନ୍ତି, ଯେ କି ଗୋଟିଏ ବେଶ୍ୟାଗୃହ ଚଳାଉଛନ୍ତି ବା ଏହାର ପରିଚାଳନା କରୁଛନ୍ତି, ସେପରି ସ୍ଥଳେ ତତ୍-ପ୍ରତିକୂଳ ତଥ୍ୟ ସାବ୍ୟସ୍ତ ନହେବା ଯାଏଁ ଏହା ଧରି ନିଆଯିବ ଯେ, ଉକ୍ତ କନ୍ୟାଙ୍କୁ ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ସେହି ବ୍ୟକ୍ତି ହିଁ ଆୟତ୍ତ କରିଛନ୍ତି ।

**ସ୍ପଷ୍ଟୀକରଣ-୨ :** "ଅବୈଧ ସଂଭୋଗ"ର ଅର୍ଥ ତାହା, ଯାହା କି ଦଫା-୩୭୨ରେ ନ୍ୟସ୍ତ କରାଯାଇଛି ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଅଯୋଗ୍ୟ, ରଫା-ରହିତ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**୩୭୫. ଧର୍ଷଣ -**

ଏତଦ୍ ପଶ୍ଚାତ୍ ସୂଚୀତ ବ୍ୟତିକ୍ରମ ବ୍ୟତିରେକ ଯେଉଁ ପୁରୁଷ କୌଣସି ମହିଳାଙ୍କ ସହିତ ନିମ୍ନ-ବର୍ଣ୍ଣିତ ଛ' ଧରଣର ପରିସ୍ଥିତି ଭିତରୁ କୌଣସି ପରିସ୍ଥିତିରେ ଯୌନ ସମ୍ଭୋଗ କରିଥାନ୍ତି, ସେ ଧର୍ଷଣ କରିଛନ୍ତି ବୋଲି କୁହାଯାଇ ପାରିବ-

**ପ୍ରଥମ-** ସେହି ମହିଳାଙ୍କ ଇଚ୍ଛା ବିରୁଦ୍ଧରେ ।

**ଦ୍ୱିତୀୟ-** ସେହି ମହିଳାଙ୍କ ସମ୍ମତି ବିନା ।

**ତୃତୀୟ-** ସେହି ମହିଳାଙ୍କ ସମ୍ମତି ସହ, ଅଥଚ ଯେତେବେଳେ କି ତାଙ୍କୁ ବା ସେ ଯେଉଁ ବ୍ୟକ୍ତିଙ୍କ ପାଇଁ ହିତବଦ୍ଧ ଥିବେ, ସେହି ବ୍ୟକ୍ତିଙ୍କୁ ଜୀବନରେ ମାରିଦେବା ବା ଆଘାତ କରିବାର ଭୟ ଦେଖାଇ ସମ୍ମତି ହାସଲ କରାଯାଇଛି ।

**ଚତୁର୍ଥ-** ସେହି ମହିଳାଙ୍କ ସମ୍ମତି ସହ, ଅଥଚ ଯେତେବେଳେ ପୁରୁଷ ବ୍ୟକ୍ତି ଜାଣନ୍ତି ଯେ, ସେ ସେହି ମହିଳାଙ୍କର ପତି ନୁହଁନ୍ତି, ଏବଂ ସେହି ମହିଳା ଏଥିପାଇଁ ସମ୍ମତି ଦେଇଛନ୍ତି ଯେ, ସେ ବିଶ୍ୱାସ କରନ୍ତି, ସେହି ପୁରୁଷ ଏଭଳି ଜଣେ ବ୍ୟକ୍ତି ଯାହାଙ୍କ ସହ ସେ ବିବାହ କରିଛନ୍ତି ଅଥବା ସେ ନିଜେ ବିଧିମତେ ତାଙ୍କୁ ବିବାହ କରିଛନ୍ତି ବୋଲି ବିଶ୍ୱାସ କରନ୍ତି ।

**ପଞ୍ଚମ-** ସେହି ମହିଳାଙ୍କ ସମ୍ମତି ସହ, ଅଥଚ ଏପରି ସମ୍ମତି ଦେବା ବେଳେ, ସେ ଯେଉଁ କାର୍ଯ୍ୟ ପାଇଁ ସମ୍ମତି ଦେଉଛନ୍ତି, ସେ ତାଙ୍କର ମାନସିକ ବିକୃତି ବା ତାଙ୍କ ଉପରେ ନିଶାଜନିତ ପ୍ରଭାବ ବା ସେହି ପରୁଷଙ୍କ ଦ୍ୱାରା ବା ଅନ୍ୟ କାହାରି ଦ୍ୱାରା କୌଣସି ସଂଜ୍ଞାନାଶକ ବା ଅହିତକର ଉପାଦାନର ପ୍ରୟୋଗ ଯୋଗୁଁ ତହିଁର ପ୍ରକୃତି ଓ ପରିଣାମ ବୁଝିପାରିବା ପାଇଁ ଅକ୍ଷମ ।

**ଷଷ୍ଠ-** ସେହି ମହିଳାଙ୍କ ସମ୍ମତି ଥାଇପାରେ ବା ନ ଥାଇପାରେ, ଯେତେବେଳେ କି ତାଙ୍କର ବୟସ ଷୋଳବର୍ଷରୁ କମ୍ ହୋଇଥିବ ।

**ସ୍ପଷ୍ଟୀକରଣ-** ଧର୍ଷଣ ଅପରାଧ ରୂପେ ବିବେଚିତ ହେବାର ପ୍ରୟୋଜନାର୍ଥେ ଅନ୍ତଃପ୍ରବେଶ ପର୍ଯ୍ୟାପ୍ତ ଅଟେ ।

**ବ୍ୟତିକ୍ରମ-** ଯଦି ପତ୍ନୀ ପନ୍ଦର ବର୍ଷ ବୟସରୁ କମ୍ ହୋଇନଥିବେ, ତେବେ ଜଣେ ପୁରୁଷଙ୍କ ଦ୍ୱାରା ନିଜ ପତ୍ନୀଙ୍କ ସହ ସମ୍ଭୋଗ 'ଧର୍ଷଣ' ପଦବାଚ୍ୟ ହେବନି ।

୩୭୬. **ଧର୍ଷଣ ପାଇଁ ଦଣ୍ଡ-**

(୧) ଉପଧାରା(୨)ରେ ସୂଚୀତ ମାମଲାଗୁଡିକୁ ଛାଡି, ଯେ କେହି ଧର୍ଷଣ କରିବେ, ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି କାରାବାସରେ ଦଣ୍ଡିତ ହେବେ, ଯାହାର କାଳାବଧି ସାତବର୍ଷରୁ କମ୍ ହେବନି ଅଥଚ ଆଜୀବନ ବା ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ, ଏବଂ ସେ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ, କିନ୍ତୁ, ଧର୍ଷିତା ମହିଳା ତାଙ୍କର ପତ୍ନୀ ଏବଂ ବାରବର୍ଷରୁ କମ୍ ବୟସର ହୋଇଥିଲେ, ସେହି ପୁରୁଷ ଉଭୟ ପ୍ରକାର କାରାବାସ ଭିତରୁ କୌଣସି କାରାବାସରେ ଦଣ୍ଡିତ ହେବେ, ଯାହାର କାଳାବଧି ଦୁଇବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ : ପରନ୍ତୁ, ଅଦାଲତ ପର୍ଯ୍ୟାପ୍ତ ଏବଂ ବିଶେଷ କାରଣ ଥିଲେ, ସେଗୁଡିକୁ ନିଜ ରାୟରେ ଉଲ୍ଲେଖ ପୂର୍ବକ ଏପରି ଏକ କାରାବାସର ଦଣ୍ଡ ଲାଗୁ କରିପାରନ୍ତି, ଯାହାକି ସାତବର୍ଷରୁ କମ୍ ହୋଇଥିବ ।

(୨) ଯଦି କୌଣସି ବ୍ୟକ୍ତି-

(ଏ) ପୋଲିସ୍ ଅଧିକାରୀ ହୋଇ ଧର୍ଷଣ କରିଥାନ୍ତି-

(୧) ସେହି ପୋଲିସ୍ ଥାନାର ପରିସୀମା ମଧ୍ୟରେ, ଯେଉଁଠାକୁ ସେ ନିଯୁକ୍ତ ହୋଇଛନ୍ତି; କିମ୍ବା

(୨) ଏପରି କୌଣସି ଥାନା-ଗୃହର ହତା ଭିତରେ, ଯାହାକି ସେ ଯେଉଁ ପୋଲିସ୍ ଥାନାକୁ ନିଯୁକ୍ତ ହୋଇଛନ୍ତି, ତାହା ଭିତରେ ଅବସ୍ଥିତ ହୋଇପାରେ ବା ନ ହୋଇପାରେ;

(୩) ନିଜ ଅଥବା ତାଙ୍କର ଜଣେ ଅଧସ୍ତନ ପୋଲିସ୍ ଅଧିକାରୀଙ୍କ ହେପାଜତ୍‌ରେ ଥିବା ଜଣେ ମହିଳାଙ୍କ ଉପରେ; ବା

(ବି) ସର୍ବସାଧାରଣ କର୍ମଚାରୀ ହୋଇ ନିଜର ସରକାରୀ ପଦବୀର ସୁଯୋଗ ନିଅନ୍ତି ଏବଂ ନିଜ ହେପାଜତ୍ କିମ୍ବା ତାଙ୍କର ଅଧସ୍ତନ ଜଣେ ସର୍ବସାଧାରଣ କର୍ମଚାରୀଙ୍କ ହେପାଜତ୍‌ରେ ଥିବା ଜଣେ ମହିଳାଙ୍କ ଉପରେ ଧର୍ଷଣ କରନ୍ତି ; ବା

(ସି) କୌଣସି ଜେଲ୍, ପ୍ରତିପ୍ରେରଣ ଗୃହ ବା ସଂପ୍ରତି ବଳବତ୍ତର ଥିବା କୌଣସି ଆଇନ୍ ବଳରେ ବା ତାହା ଅଧୀନରେ ପ୍ରତିଷ୍ଠିତ ଅନ୍ୟ କୋଣସି ଅଭିରକ୍ଷା ସ୍ଥଳ ବା ଏକ ମହିଳା ବା ଶିଶୁ ସଂସ୍ଥାର ପରିଚାଳନା ବା କର୍ମଚାରୀ-ଗୋଷ୍ଠୀର ଅଂଶବିଶେଷ ହୋଇ ନିଜର ସର୍ବସାଧାରଣ ପଦବୀର ସୁଯୋଗ ନିଅନ୍ତି ଏବଂ ଉକ୍ତ ଜେଲ୍, ପ୍ରତିପ୍ରେରଣ ଗୃହ, ସ୍ଥାନ ବା ସଂସ୍ଥାର ଜଣେ ଅନ୍ତେବାସୀ ଉପରେ ଧର୍ଷଣ କରନ୍ତି ; ବା

(ଡି) କୌଣସି ଡାକ୍ତରଖାନାର ପରିଚାଳନା ବା କର୍ମଚାରୀ-ଗୋଷ୍ଠୀର ଅଂଶବିଶେଷ ହୋଇ ନିଜର ସର୍ବସାଧାରଣ ପଦବୀର ସୁଯୋଗ ନିଅନ୍ତି ଏବଂ ଉକ୍ତ ଡାକ୍ତରଖାନାରେ ଜଣେ ମହିଳାଙ୍କ ଉପରେ ଧର୍ଷଣ କରନ୍ତି ; ବା

(ଇ) ଜଣେ ମହିଳା ଗର୍ଭବତୀ ଅଛନ୍ତି ବୋଲି ଜାଣି ସୁଦ୍ଧା ତାଙ୍କ ଉପରେ ଧର୍ଷଣ କରନ୍ତି ; ବା

(ଏଫ୍) ଜଣେ ମହିଳା ବାର ବର୍ଷରୁ କମ୍ ବୟସର ହୋଇଥିବା ବେଳେ ତାଙ୍କ ଉପରେ ଧର୍ଷଣ କରନ୍ତି ; ବା

(ଜି) ଗଣଧର୍ଷଣ କରନ୍ତି ,

ସେ ଏପରି ସଶ୍ରମ କାରାବାସରେ ଦଣ୍ଡିତ ହେବେ, ଯାହାକି ଦଶବର୍ଷରୁ କମ୍ ହେବନି ଅଥଚ ଆଜୀବନ ହୋଇପାରେ ଏବଂ ପୁଣି ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ;

ପରନ୍ତୁ, ଅଦାଲତ ପର୍ଯ୍ୟାପ୍ତ ଏବଂ ବିଶେଷ କାରଣ ଥିଲେ, ସେଗୁଡିକୁ ନିଜ ରାୟରେ ଉଲ୍ଲେଖ ପୂର୍ବକ ଏପରି ଏକ କାରାବାସର ଦଣ୍ଡ ଲାଗୁ କରିପାରନ୍ତି, ଯାହାକି ଦଶବର୍ଷରୁ କମ୍ ହୋଇଥିବ ।

**ସ୍ପଷ୍ଟୀକରଣ-୧ :** ଯେଉଁ ସ୍ଥଳେ ଜଣେ ମହିଳାଙ୍କୁ ଦଳେ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବା ଅଧିକ ବ୍ୟକ୍ତି ନିଜର ସମୂହ ଅଭିପ୍ରାୟର ଚରିତାର୍ଥ ଉଦ୍ଦେଶ୍ୟରେ ଧର୍ଷଣ କରିଥାନ୍ତି, ସେପରି ସ୍ଥଳେ ସେମାନଙ୍କ ଭିତରୁ ପ୍ରତି ବ୍ୟକ୍ତି ଏହି ଉପଦଫାର ଅର୍ଥାନୁସାରେ ଗଣଧର୍ଷଣ କରିଛନ୍ତି ବୋଲି ବିବେଚନା କରାଯିବ ।

**ସ୍ପଷ୍ଟୀକରଣ-୨ :** "ମହିଳା ବା ଶିଶୁ ସଂସ୍ଥା" କହିଲେ ଅନାଥାଶ୍ରମ ବା ନିସହାୟ ମହିଳା ଗୃହ ବା ଶିଶୁ ବା ବିଧବା ଗୃହ ବା ହୁଏତ୍ ଅନ୍ୟ କୌଣସି ନାମରେ ପରିଚିତ ହେଉଥିବା ଏକ ସଂସ୍ଥା, ଯାହାକି ମହିଳା ବା ଶିଶୁମାନଙ୍କୁ ଗ୍ରହଣ ଏବଂ ଯତ୍ନ ପାଇଁ ପ୍ରତିଷ୍ଠିତ ଏବଂ ପରିଚାଳିତ ।

**ସ୍ପଷ୍ଟୀକରଣ-୩:** "ଡାକ୍ତରଖାନା" କହିଲେ ଡାକ୍ତରଖାନାର ପରିସର ଏବଂ ଏହା ଭିତରେ ଅନ୍ତର୍ଭୁକ୍ତ କୌଣସି ଏପରି ଏକ ସଂସ୍ଥାର ପରିସର, ଯାହାକି ଆରୋଗ୍ୟ ଲାଭ ସମୟରେ ଅଥବା ଚିକିତ୍ସାଗତ ଧ୍ୟାନ ବା ସ୍ୱାସ୍ଥ୍ୟଲାଭର ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ଭର୍ତ୍ତି ଏବଂ ଉପଚାର ସକାଶେ ଉଦ୍ଦିଷ୍ଟ ।

**ବର୍ଗୀକରଣ-** ଦଫା ୩୭୬ ଅଧୀନରେ ଧର୍ଷଣ ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଅଯୋଗ୍ୟ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ଅଟେ; ଯଦି ପୁରୁଷ ଜଣକ ବାର ବର୍ଷରୁ କମ୍ ବୟସର ହୋଇନଥିବା ତାଙ୍କ ପତ୍ନୀଙ୍କ ସହ ସମ୍ଭୋଗ କରିଥାନ୍ତି, ତେବେ ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**୩୭୬-ଏ. ପୃଥକ୍ ଥିବା ସମୟରେ ପରୁଷଙ୍କ ଦ୍ୱାରା ପତ୍ନୀଙ୍କ ସହ ସମ୍ଭୋଗ-**

ଯଦି କେହି ବ୍ୟକ୍ତି ଏପରି ଏକ ସମୟରେ ନିଜ ପତ୍ନୀଙ୍କ ସହ ତାଙ୍କ ସମ୍ମତି ବିନା ସମ୍ଭୋଗ କରନ୍ତି, ଯେତେବେଳେ କି ପୃଥକୀକରଣ ପାଇଁ କୌଣସି ଆଦେଶ (ଡିକ୍ରୀ) ବା ପରମ୍ପରା ବା ପ୍ରଥା ବଳରେ ସେହି ପତ୍ନୀ ତାଙ୍କ ଠାରୁ ଅଲଗା ରହି ବାସ କରୁଥାନ୍ତି, ତେବେ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ସେହି କାଳାବଧି ପାଇଁ ଦଣ୍ଡିତ ହେବେ, ଯାହାକି ଦୁଇବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ପୁଣି ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅଣଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ।

**୩୭୬-ବି.** **ଜଣେ ସର୍ବସାଧାରଣ କର୍ମଚାରୀଙ୍କ ଦ୍ୱାରା ନିଜ ହେପାଜତ୍‌ରେ ଥିବା ମହିଳାଙ୍କ ସହ ସମ୍ଭୋଗ-**

ଯେ କେହି ସର୍ବସାଧାରଣ କର୍ମଚାରୀ ନିଜ ଆନୁଷ୍ଠାନିକ ପଦବୀର ସୁଯୋଗ ନିଅନ୍ତି ଏବଂ ସେ ଜଣେ ସର୍ବସାଧାରଣ କର୍ମଚାରୀ ହୋଇଥିବା କାରଣରୁ ତାଙ୍କ ହେପାଜତ୍ ଅଧୀନରେ ଅଥବା ତାଙ୍କର ଅଧସ୍ତନ ଥିବା ଜଣେ ସର୍ବସାଧାରଣ କର୍ମଚାରୀଙ୍କ ହେପାଜତ୍ ଅଧୀନରେ ରହିଥିବା କୌଣସି ମହିଳାଙ୍କୁ ତାଙ୍କ ସହ ଯୌନ ସମ୍ଭୋଗ କରିବା ପାଇଁ ମତାନ୍ତି ବା ଫୁସୁଲାନ୍ତି, ତେବେ ଧର୍ଷଣ ଅପରାଧର ପଦବାଚ୍ୟ ହେଉନଥିବା ଏହି ଯୌନ ସମ୍ଭୋଗ ପାଇଁ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ପୁଣି ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଧର୍ତ୍ତବ୍ୟ (କିନ୍ତୁ ବିନା ପରଓ୍ୱାନା କିମ୍ବା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ବିନା ଆଦେଶରେ ଗିରଫ କରାଯାଇ ପାରିବନି), ଜାମିନ୍-ଯୋଗ୍ୟ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ।

**୩୭୬-ସି.** **ଜେଲ୍, ପ୍ରତିପ୍ରେରଣ ଗୃହ ଇତ୍ୟାଦିର ତତ୍ତ୍ୱାବଧାରକଙ୍କ ଦ୍ୱାରା ସମ୍ଭୋଗ-**

ଯଦି କେହି ବ୍ୟକ୍ତି ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ ବା ସଂପ୍ରତି ବଳବତ୍ତର ଥିବା ଏକ ଆଇନ୍ ବଳରେ ବା ତାହା ଅଧୀନରେ ପ୍ରତିଷ୍ଠିତ ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ ବା ଏକ ମହିଳା ବା ଶିଶୁ ସଂସ୍ଥାର ତତ୍ତ୍ୱାବଧାରକ ବା ପରିଚାଳକ ହୋଇ ନିଜର ଆନୁଷ୍ଠାନିକ ପଦବୀର ସୁଯୋଗ ନିଅନ୍ତି ଏବଂ ଉକ୍ତ ଜେଲ୍, ପ୍ରତିପ୍ରେରଣ ଗୃହ, ସ୍ଥାନ ବା ସଂସ୍ଥାର ଜଣେ ମହିଳା ଅନ୍ତେବାସୀଙ୍କୁ ତାଙ୍କ ସହ ଯୌନ ସମ୍ଭୋଗ କରିବା ପାଇଁ ମତାନ୍ତି ବା ଫୁସୁଲାନ୍ତି, ତେବେ ଧର୍ଷଣ ଅପରାଧର ପଦବାଚ୍ୟ ହେଉନଥିବା ଏହି ଯୌନ ସମ୍ଭୋଗ ପାଇଁ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ପୁଣି ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ସ୍ପଷ୍ଟୀକରଣ-୧ :** ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ ବା ଏକ ମହିଳା ବା ଶିଶୁ ସଂସ୍ଥା ପରିପ୍ରେକ୍ଷୀରେ 'ତତ୍ତ୍ୱାବଧାରକ' ଭିତରେ ଅନ୍ତର୍ଭୁକ୍ତ ହେବ କୌଣସି ଜଣେ ବ୍ୟକ୍ତି ଯେ କି ଉକ୍ତ ଜେଲ୍, ପ୍ରତିପ୍ରେରଣ ଗୃହ, ସ୍ଥାନ ବା ସଂସ୍ଥାରେ ଏପରି କୌଣସି ପଦବୀ ଧାରଣ କରିଥାନ୍ତି, ଯାହା ବଳରେ ସେ ଏହାର ଅନ୍ତେବାସୀମାନଙ୍କ ଉପରେ କିଛି ନା କିଛି କର୍ତ୍ତୃତ୍ୱ ବା ନିୟନ୍ତ୍ରଣ ଜାରି କରପାରିବେ ।

**ସ୍ପଷ୍ଟୀକରଣ-୨ :**ଉକ୍ତି "ମହିଳା ବା ଶିଶୁ ସଂସ୍ଥା"ର ଅର୍ଥ ସେଇଆ, ଯାହାକି ଦଫା-୩୭୬ର ଉପଦଫା(୨) ଅଧୀନସ୍ଥ ସ୍ପଷ୍ଟୀକରଣ-୨ରେ ପ୍ରଦତ୍ତ ହୋଇଛି ।

**ବର୍ଗୀକରଣ-** ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ।

୩୭୬-ଡି. **ଡାକ୍ତରଖାନାର ପ୍ରବନ୍ଧନ ବା କୋଣସି କର୍ମଚାରୀବୃନ୍ଦଙ୍କ ମଧ୍ୟରୁ କୌଣସି ସଦସ୍ୟଙ୍କ ଦ୍ୱାରା ଡାକ୍ତରଖାନାରେ କୌଣସି ମହିଳାଙ୍କ ସହ ସମ୍ଭୋଗ-**

ଯଦି କୌଣସି ବ୍ୟକ୍ତି ଡାକ୍ତରଖାନାର ପ୍ରବନ୍ଧନ ବା କର୍ମଚାରୀବୃନ୍ଦଙ୍କ ଭିତରେ ଜଣେ ସଦସ୍ୟ ହୋଇ ନିଜ ପଦବୀର ସୁଯୋଗ ନିଅନ୍ତି ଏବଂ ସେହି ଡାକ୍ତରଖାନାରେ କୌଣସି ମହିଳାଙ୍କ ସହିତ ଯୌନ ସମ୍ଭୋଗ କରନ୍ତି, ତେବେ ସେହି ଯୌନ ସମ୍ଭୋଗ ଧର୍ଷଣ ଅପରାଧର ପଦବାଚ୍ୟ ହୋଇନଥିବା ବେଳେ ତାଙ୍କୁ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ପୁଣି ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ସ୍ପଷ୍ଟୀକରଣ:** ଉକ୍ତି "ଡାକ୍ତରଖାନା" ସେହି ଅର୍ଥ ବହନ କରିବ, ଯାହାକି ଦଫା-୩୭୬ର ଉପଦଫା(୨) ଅଧୀନସ୍ଥ ସ୍ପଷ୍ଟୀକରଣ-୩ରେ ପ୍ରଦତ୍ତ ହୋଇଅଛି ।

**ବର୍ଗୀକରଣ-** ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ ଏବଂ ଦୌରା ଅଦାଲତଙ୍କ ଦ୍ୱାରା ବିଚାରଣୀୟ ।

୩୭୭. **ଅପ୍ରାକୃତିକ ଅପରାଧମାନ-**

ଯଦି କେହି ବ୍ୟକ୍ତି ସ୍ୱେଚ୍ଛା-ପ୍ରଣୋଦିତ ହୋଇ କୌଣସି ପୁରୁଷ, ମହିଳା ବା ପଶୁ ସହିତ ପ୍ରକୃତି-ଦତ୍ତ ବ୍ୟବସ୍ଥାର ବିରୁଦ୍ଧାଚରଣ କରି ଇନ୍ଦ୍ରୀୟ ସମ୍ଭୋଗ କରନ୍ତି, ତେବେ ସେ ଆଜୀବନ କାରାବାସରେ ଦଣ୍ଡିତ ହେବେ ବା ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ସ୍ପଷ୍ଟୀକରଣ-** ଏହି ଦଫାରେ ବର୍ଣ୍ଣିତ ଅପରାଧ ପଦବାଚ୍ୟ ହେବା ପାଇଁ ଅନ୍ତଃପ୍ରବେଶ ଯଥେଷ୍ଟ ଅଟେ ।

**୪୯୩. ପ୍ରବଞ୍ଚନା ବଳରେ ଜଣେ ପୁରୁଷ ବିଧିସମ୍ମତ ବିବାହର ବିଶ୍ୱାସ ଜନ୍ମାଇ ସହବାସ କରିବା-**

ଯଦି କୌଣସି ପୁରୁଷ ତାଙ୍କୁ ବିଧିମତେ ବିବାହ କରି ନଥିବା ଜଣେ ମହିଳାଙ୍କ ଭିତରେ ପ୍ରବଞ୍ଚନା ବଳରେ ବିଶ୍ୱାସ ଜନ୍ମାନ୍ତି ଯେ ସେ ଉକ୍ତ ପୁରୁଷଙ୍କୁ ବିଧିମତେ ବିବାହ କରିଛନ୍ତି, ଏବଂ ସେହି ବିଶ୍ୱାସ କାରଣରୁ ସେ ସେହି ପୁରୁଷଙ୍କ ସହ ସହବାସ ଏବଂ ସମ୍ଭୋଗ କରନ୍ତି, ତେବେ ସେହି ପୁରୁଷ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଅଯୋଗ୍ୟ, ରଫା-ରହିତ ଏବଂ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**୪୯୪. ପତି କିମ୍ବା ପତ୍ନୀଙ୍କ ଜୀବଦ୍ଦଶାରେ ପୁନର୍ବିବାହ କରିବା-**

ଯଦି କୌଣସି ବ୍ୟକ୍ତି ତାଙ୍କର ପତି ବା ପତ୍ନୀ ଜୀବିତ ଥିବା ଅବସ୍ଥାରେ କୌଣସି ପ୍ରକାରେ ବିବାହ କରନ୍ତି, ଯାହା କି ପତି ବା ପତ୍ନୀଙ୍କ ଜୀବଦ୍ଦଶାରେ ଘଟୁଥିବା କାରଣରୁ ଅସିଦ୍ଧ ଅଟେ, ତେବେ ସେହି ବ୍ୟକ୍ତି ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ସାତବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବ୍ୟତିକ୍ରମ-** କିନ୍ତୁ ଏହି ଦଫା ସେ ଭଳି ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବନାହିଁ, ଯାହାଙ୍କର ଉକ୍ତ ପତି ବା ପତ୍ନୀଙ୍କ ସହ ବିବାହକୁ ଉପଯୁକ୍ତ କ୍ଷେତ୍ରାଧିକାର ବହନ କରିଥିବା ଗୋଟିଏ ଅଦାଲତ ଦ୍ୱାରା ଅସିଦ୍ଧ ଘୋଷଣା କରାଯାଇଛି ।

**ଅଥବା** ଏହା ପୂର୍ବ ପତି ବା ପତ୍ନୀଙ୍କ ଜୀବିତାବସ୍ଥାରେ ବିବାହ-ବନ୍ଧନରେ ଆବଦ୍ଧ ହୋଇଥିବା ସେଭଳି କୌଣସି ବ୍ୟକ୍ତିଙ୍କ ପ୍ରତି ପ୍ରଯୁଜ୍ୟ ହେବନାହିଁ, ଯାହାଙ୍କର ପରବର୍ତ୍ତୀ ବିବାହ ସମୟରେ ଉକ୍ତ ପତି ବା ପତ୍ନୀ ସେହି ବ୍ୟକ୍ତିଙ୍କଠାରୁ ନିରନ୍ତର ସାତବର୍ଷ ଧରି ଅନୁପସ୍ଥିତ ରହିଥିବେ, ଏବଂ ସେହି ସମୟ ମଧ୍ୟରେ ସେ ଜୀବିତ ଅଛନ୍ତି ବୋଲି ସେହି ବ୍ୟକ୍ତି ଶୁଣି ନଥିବେ, ପରନ୍ତୁ ଏପରି ପରବର୍ତ୍ତୀ ବିବାହ କରିଥିବା ବ୍ୟକ୍ତି ସେହି ବିବାହ ଅନୁଷ୍ଠିତ ହେବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ, ଯାହାଙ୍କ ସହିତ ଏପରି ବିବାହ ପାଇଁ ସେ ଚୁକ୍ତିବଦ୍ଧ ହୋଇଛନ୍ତି, ତାଙ୍କର ଜ୍ଞାତସାରରେ ଥିବା ପ୍ରକୃତ ବାସ୍ତବାବସ୍ଥା ସମ୍ବନ୍ଧରେ ସୂଚନା ଦେଇଥିବେ ।

**ବର୍ଗୀକରଣ-** ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ରଫା-ସାପେକ୍ଷ ଏବଂ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

୪୯୫. **ସମ ଧରଣର ଅପରାଧ- ଯେଉଁ ବ୍ୟକ୍ତିଙ୍କ ସହ ପରବର୍ତ୍ତୀ ବିବାହ ଧାର୍ଯ୍ୟ ହୋଇଛି, ତାଙ୍କ ଠାରୁ ପୂର୍ବ ବିବାହକୁ ଲୁଚାଇ ରଖିବା -**

ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ସଂଜ୍ଞାୟିତ ହୋଇଥିବା ଅପରାଧ ସଦୃଶ ଯଦି କୋଣସି ବ୍ୟକ୍ତି ନିଜର ପୂର୍ବ ବିବାହ ସମ୍ବନ୍ଧରେ ତଥ୍ୟ ସେହି ବ୍ୟକ୍ତିଙ୍କ ଠାରୁ ଲୁଚାଇ ରଖିଥାନ୍ତି, ଯାହାଙ୍କ ସହ ପରବର୍ତ୍ତୀ ବିବାହ ପାଇଁ ଚୁକ୍ତି କରାଯାଇଛି, ତେବେ ସେହି ବ୍ୟକ୍ତି ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦଶବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ରଫା-ରହିତ ଏବଂ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

୪୯୬. **ବିଧିସମ୍ମତ ବିବାହ ପରିବର୍ତ୍ତେ ଅପକୌଶଳ ଦ୍ୱାରା ବିବାହ-କର୍ମ ସମ୍ପାଦନ କରାଇନେବା-**

ଯଦି କୌଣସି ବ୍ୟକ୍ତି ଅସାଧୁ ଉପାୟରେ ଏବଂ ପ୍ରବଞ୍ଚନାମୂଳକ ଉଦ୍ଦେଶ୍ୟ ରଖି ନିଜର ବିବାହ-କର୍ମ ସମ୍ପାଦନ କରାଇ ନିଅନ୍ତି, ଅଥଚ ସେ ଜାଣଥାନ୍ତି ଯେ, ତଦ୍ୱାରା ସେ କରିଥିବା ବିବାହ ବିଧିସମ୍ମତ ନୁହେଁ, ତେବେ ସେହି ବ୍ୟକ୍ତି ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ସାତବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ ଏବଂ ଜୋରିମାନାରେ ମଧ୍ୟ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ରଫା-ରହିତ ଏବଂ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

୪୯୭. **ବ୍ୟଭିଚାର-**

ଯଦି କୌଣସି ବ୍ୟକ୍ତି ଏପରି ଜଣେ ମହିଳାଙ୍କ ସହିତ ଯୌନ ସମ୍ଭୋଗ କରନ୍ତି, ଯେ କି ଅନ୍ୟ ଜଣେ ପରୁଷଙ୍କର ପତ୍ନୀ ଅଟନ୍ତି, ବା ଯେ କି ଅନ୍ୟ ଜଣେ ପୁରୁଷଙ୍କର ପତ୍ନୀ ବୋଲି ସେ ଜାଣନ୍ତି ବା ଏପରି ବିଶ୍ୱାସ କରିବାର କାରଣ ରହିଛି, ଏବଂ ପୁଣି ଯଦି ସେହି ବ୍ୟକ୍ତି ଉକ୍ତ ପୁରୁଷଙ୍କ ସମ୍ମତି ବା ମୌନ-ସମ୍ମତି ବିନା ଏପରି କାର୍ଯ୍ୟ କରିଥାନ୍ତି, ତେବେ

ଉକ୍ତ ଯୌନ ସମ୍ଭୋଗ ଧର୍ଷଣ ଅପରାଧ ପଦବାଚ୍ୟ ହୋଇନଥିବାରୁ ସେହି ବ୍ୟକ୍ତି ବ୍ୟଭିଚାର ଅପରାଧରେ ଦୋଷୀ ହେବେ, ଏବଂ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ପାଞ୍ଚବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ କିମ୍ବା ଜୋରିମାନାରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ । ଏପରି ସ୍ଥିତିରେ ପତ୍ନୀ ଜଣେ କୁପ୍ରରୋଚକ ରୂପେ ଦଣ୍ଡନୀୟ ହେବେ ନାହିଁ ।

**ବର୍ଗୀକରଣ-** ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ରଫା-ରହିତ ଏବଂ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

**୪୯୮. ଜଣେ ବିବାହିତା ମହିଳାଙ୍କୁ ଫୌଜ୍‌ଦାରି ଅଭିପ୍ରାୟରେ ଭୁଲେଇ ନେବା, ଉଠେଇ ନେବା କିମ୍ବା ଅଟକ ରଖିବା-**

ଯଦି କେହି ବ୍ୟକ୍ତି ଏଭଳି ଜଣେ ମହିଳାଙ୍କୁ, ଯେ କି ଅନ୍ୟ ଜଣେ ପୁରୁଷଙ୍କର ପତ୍ନୀ ଅଟନ୍ତି ବା ଯେ କି ଅନ୍ୟ ଜଣେ ପୁରୁଷଙ୍କର ପତ୍ନୀ ବୋଲି ସେ ଜାଣନ୍ତି ବା ଏପରି ବିଶ୍ୱାସ କରିବାର କାରଣ ରହିଛି, ଉକ୍ତ ପୁରୁଷଙ୍କ ନିକଟରୁ ବା ଅନ୍ୟ କୌଣସି ପୁରୁଷଙ୍କ ନିକଟରୁ ଉଠେଇ ନିଅନ୍ତି ବା ଭୁଲେଇ ନିଅନ୍ତି, ଏହି ଉଦ୍ଦେଶ୍ୟ ରଖି ଯେ ସେହି ମହିଳା କୌଣସି ବ୍ୟକ୍ତିଙ୍କ ସହ ଅବୈଧ ସଂଭୋଗ କରିପାରନ୍ତି ଏବଂ ଉକ୍ତ ଉଦ୍ଦେଶ୍ୟରେ ସେହି ମହିଳାଙ୍କୁ ଲୁଚାଇ ରଖନ୍ତି ବା ଅଟକ ରଖନ୍ତି, ତେବେ ସେ ଉଭୟ ପ୍ରକାର କାରାବାସ ଭିତରୁ କୌଣସି ଗୋଟିକରେ ଏପରି ଏକ କାଳାବଧି ପାଇଁ ଦଣ୍ଡିତ ହେବେ, ଯାହା କି ଦୁଇବର୍ଷ ପର୍ଯ୍ୟନ୍ତ ଲମ୍ବିପାରେ କିମ୍ବା ଜୋରିମାନାରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଅଣ-ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ ଏବଂ ଯେ କୌଣସି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଣୀୟ ଅଟେ

**୫୦୯. ଶବ୍ଦ, ଅଙ୍ଗଭଙ୍ଗୀ ବା କାର୍ଯ୍ୟ, ଯାହା କି ଜଣେ ମହିଳାଙ୍କର ମର୍ଯ୍ୟାଦାକୁ ଅବମାନନା କରିବା ପାଇଁ ଅଭିପ୍ରେତ-**

ଜଣେ ମହିଳାଙ୍କର ମର୍ଯ୍ୟାଦାକୁ ଅବମାନନା କରିବା ଅଭିପ୍ରାୟରେ ଯଦି ଜଣେ ବ୍ୟକ୍ତି ଏଭଳି ଶବ୍ଦ ଉଚ୍ଚାରଣ କରନ୍ତି ଅଥବା ଏଭଳି ଆବାଜ୍ ବା ଅଙ୍ଗଭଙ୍ଗୀ କରନ୍ତି ଅଥବା କୌଣସି ଏକ ବସ୍ତୁକୁ ପ୍ରଦର୍ଶନ କରାନ୍ତି, ଏହି ମତଲବ୍ ରଖି ଯେ ଉକ୍ତ ମହିଳା ସେହି ଶବ୍ଦ ବା ଆବାଜ୍ ଶୁଣିବେ ବା ସେହି ଅଙ୍ଗଭଙ୍ଗୀ ବା ବସ୍ତୁକୁ ଦେଖିବେ, ଅଥବା ଉକ୍ତ

ମହିଳାଙ୍କର ଏକାନ୍ତତାକୁ ଅତିକ୍ରମଣ କରନ୍ତି, ତେବେ ସେହି ବ୍ୟକ୍ତି ଏପରି ଏକ କାଳାବଧି ପାଇଁ ଅଶ୍ରମ କାରାବାସରେ ଦଣ୍ଡିତ ହେବେ, ଯାହା କି ବର୍ଷକ ପର୍ଯ୍ୟନ୍ତ ଲମ୍ବିପାରେ ଅଥବା ଜୋରିମାନାରେ ଦଣ୍ଡିତ ହେବେ ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ବର୍ଗୀକରଣ-** ଅପରାଧ ଧର୍ତ୍ତବ୍ୟ, ଜାମିନ୍-ଯୋଗ୍ୟ, ରଫା-ସାପେକ୍ଷ ଏବଂ ଯେ କୌଣସି ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ବିଚାରଣୀୟ ଅଟେ ।

[Oriya Translation by Chitta Behera, 4A Jubilee Tower, Choudhury Bazar, Cuttack-9,
PH: 0671-2308137 & 2308518, Mob: 9437577546, Email: chittabehera1@yahoo.co.in on 4.9.07]